# NATIONAL NEWS BULLETIN (ODIA)

## 12 July 2026

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି ପ୍ରଧାନମନ୍ତ୍ରୀ ।
- ଏକ ଦେଶ ଏକ ନିର୍ବାଚନ ପ୍ରସ୍ତାବ ସମ୍ପର୍କରେ ଗୋଆରେ ଯୁଗ୍ମ ସଂସଦୀୟ କମିଟିର ଆଲୋଚନା ।
- କିମ୍ବଦନ୍ତୀ ଗାୟିକା ଏସ୍. ଜାନକୀଙ୍କ ୮୮ବର୍ଷ ବୟସରେ ପରଲୋକ ।
- ନୌକା ଦୁର୍ଘଟଣାରେ ୧୫ଜଣ ଭାରତୀୟଙ୍କ ମୃତ୍ୟୁ ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଲେ ଭିଏତ୍‌ନାମ ସରକାର ।

ଏବଂ

- ଓ୍ୱିମ୍ବିଲଡନ ମହିଳା ଏକକ ଫାଇନାଲରେ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କଲେ ଲିଣ୍ଡା ନୋସ୍କୋଭା ।

# ପିଏମ୍– ଭିଜିଟ୍ କନକ୍ଲୁଡେଡ୍

ତ୍ରିରାଷ୍ଟ୍ରୀୟ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଶେଷ ପର୍ଯ୍ୟାୟରେ ଶ୍ରୀମୋଦୀ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର ଲକସନ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ପ୍ରତିରକ୍ଷା, ପର୍ଯ୍ୟଟନ, କ୍ରୀଡ଼ା, ବିପର୍ଯ୍ୟୟ ପରିଚାଳନା, ଦୁଗ୍ଧ ଏବଂ ପଶୁପାଳନ ଆଦି ବିଭିନ୍ନ କ୍ଷେତ୍ରରେ ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଅକ୍‌ଲ୍ୟାଣ୍ଡର ସ୍ପାର୍କ ଆରେନାଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରବାସୀ ଭାରତୀୟଙ୍କ ସମାବେଶକୁ ସମ୍ବୋଧନ କରିଥିଲେ। ନ୍ୟୁଜିଲାଣ୍ଡର ପ୍ରଗତିରେ ଭାରତୀୟ ସମ୍ପ୍ରଦାୟଙ୍କ ଅବଦାନକୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଥିଲେ। ଅକ୍‌ଲ୍ୟାଣ୍ଡରୁ ୱେଲିଂଟନ ଏବଂ କ୍ରାଷ୍ଟଚର୍ଚ୍ଚରୁ କୁଇନ୍ସଟାଉନ୍ ପର୍ଯ୍ୟନ୍ତ ଭାରତୀୟ ସମ୍ପ୍ରଦାୟ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରୁଛନ୍ତି। ନିରନ୍ତର ବନ୍ଧୁତା, ସାଧାରଣ ମୂଲ୍ୟବୋଧ, ଦ୍ୱିପାକ୍ଷିକ ସହଭାଗିତା ଏବଂ ଭବିଷ୍ୟତ ସମ୍ପର୍କରେ ନୂତନ ମାର୍ଗଉନ୍ମୁକ୍ତ ନେଇ ଉଭୟ ଦେଶ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଥିବା ଶ୍ରୀ ମୋଦୀ କହିଛନ୍ତି।

ସମାବେଶରେ ଯୋଗଦେଇ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରୀଷ୍ଟୋଫର ଲକସନ୍ ଦ୍ୱିପାକ୍ଷିକ ରଣନୈତିକ ଏବଂ ଆର୍ଥିକ ସହଭାଗିତା ଉପରେ ଆଲୋକପାତ କରିଥିଲେ । ଭାରତ–ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ନ୍ୟୁଜିଲାଣ୍ଡର ବ୍ୟବସାୟୀଙ୍କ ପାଇଁ ୧୪୦ କୋଟି ଲୋକଙ୍କର ଏକ ବଜାର କ୍ଷେତ୍ର ଉନ୍ମୁକ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଲକସନ୍ କହିଛନ୍ତି । ଉଭୟ ଦେଶର ବ୍ୟବସାୟିକ କ୍ଷେତ୍ର ପ୍ରତି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାର୍ଯ୍ୟକ୍ରମରେ ୧୦ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଶ୍ରୀ ମୋଦୀ ଇଣ୍ଡୋନେସିଆ ଏବଂ ଅଷ୍ଟ୍ରେଲିଆକୁ ଗସ୍ତ ଶେଷ କରିଥିଲେ ।

## ଜେପିସି–ଓଏନ୍ଓଇ

ଏକ ଦେଶ ଏକ ନିର୍ବାଚନ ପ୍ରସ୍ତାବ ସମ୍ପର୍କରେ ବିଭିନ୍ନ ପକ୍ଷଙ୍କ ସହ ଗୋଆରେ ଯୁଗ୍ମ ସଂସଦୀୟ କମିଟି ଆଲୋଚନା ଶେଷ କରିଛନ୍ତି । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ କମିଟି ପକ୍ଷରୁ ରାଜ୍ୟ ସରକାର, ରାଜନୈତିକ ଦଳ, ନିର୍ବାଚିତ ପ୍ରତିନିଧି, ସମ୍ବିଧାନ ବିଶେଷଜ୍ଞ, ଗଣମାଧ୍ୟମ ଓ ଅନ୍ୟାନ୍ୟ ପ୍ରତିନିଧିମାନଙ୍କ ସହ ବିସ୍ତୃତଭାବେ ଏକ ଦେଶ ଏକ ନିର୍ବାଚନ ପ୍ରସ୍ତାବ

ଉପରେ ଆଲୋଚନା କରିଛନ୍ତି । ଗୋଆରେ ଗଣମାଧ୍ୟମକୁ ସୂଚନା ଦେଇ କମିଟିର ଅଧ୍ୟକ୍ଷ, ସାଂସଦ ପି.ପି. ଚୌଧୁରୀ କହିଛନ୍ତି ଏହି ପଦକ୍ଷେପ ଖର୍ଚ୍ଚ ହ୍ରାସ କରିବା ସହ ଦେଶର ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବ । କମିଟି ଆଗାମୀ ଦିନରେ ଲକ୍ଷ୍ନୌ ଗସ୍ତ କରି ପ୍ରସ୍ତାବ ସମ୍ପର୍କରେ ଆଲୋଚନା-ପର୍ଯ୍ୟାଲୋଚନା କରିବ ବୋଲି ଜଣାପଡିଛି ।

## ଅମିତ ଶାହା-ପ୍ଲାଣ୍ଟେସନ ଡ୍ରାଇଭ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଅହମ୍ମଦାବାଦ ପୌର ନିଗମର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏଥିରେ ୪୦୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ରହିଥିବା ଜଣାପଡିଛି । ଏହି ଅବସରରେ ଶ୍ରୀ ଶାହା ଗାନ୍ଧିନଗର ଲୋକସଭା ଆସନରୁ ବ୍ୟାପକ ବନୀକରଣ ଅଭିଯାନର ଶୁଭାରମ୍ଭ କରିବେ । ବ୍ୟାପକ ବନୀକରଣ ଜରିଆରେ ଗାନ୍ଧୀନଗର ଲୋକସଭା କ୍ଷେତ୍ରକୁ ଦେଶର ସବୁଠାରୁ ସବୁଜ କ୍ଷେତ୍ରରେ ପରିଣତ କରିବା ପାଇଁ ଏହି ପଦକ୍ଷେପ ନିଆଯିବ । ପାଣିପାଗ ପରିବର୍ତ୍ତନର ମୁକାବିଲା ପାଇଁ ଚଳିତବର୍ଷ ସେହି ଲୋକସଭା ଅଞ୍ଚଳରେ ୧ କୋଟି ୨୫ଲକ୍ଷରୁ ଅଧିକ

ଚାରାରୋପଣ କରାଯିବ ବୋଲି ସୂଚନା ଦିଆଯାଇଛି । ଏହି ଅଭିଯାନ ଅଧୀନରେ ଜଙ୍ଗଲ ବିଭାଗ ଅହମ୍ମଦାବାଦ ଏବଂ ଗାନ୍ଧୀନଗର ଜିଲ୍ଲାରେ ବନକବଚ ବ୍ୟବହାର କରି ୬୦ଲକ୍ଷ ଚାରାରୋପଣ କରାଯିବ । ଆସନ୍ତାକାଲି ଶ୍ରୀ ଶାହା ଗାନ୍ଧୀନଗର ଠାରେ ଏକାଦଶ ଇଣ୍ଟରପୋଲ ଡିଜିଟାଲ ଫରେନ୍‌ସିକ୍ ବିଶେଷଜ୍ଞ ଗୋଷ୍ଠୀ ବୈଠକକୁ ଉଦ୍‌ଘାଟନ କରିବେ । ଶ୍ରୀ ଶାହା ଦହେଗାମ ଗସ୍ତ କରି ନବନିର୍ମିତ ପରିବା ହାଟ ଏବଂ ଅମୃତ ମହୋତ୍ସବ ସମାରୋହ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ଏସ୍.ଜାନକୀ-ପରଲୋକ

କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟିକା ଏସ୍. ଜାନକୀଙ୍କର ଗତକାଲି କର୍ଣ୍ଣାଟକର ମହୀସୂରଠାରେ ୮୮ବର୍ଷ ବୟସରେ ପରଲୋକ ଘଟିଛି । ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ଗତ ୬ ଦଶନ୍ଧି ମଧ୍ୟରେ ଗାୟିକା ଏସ୍. ଜାନକୀ ହୀନ୍ଦି ସମେତ କନ୍ନଡ଼, ତାମିଲ, ତେଲୁଗୁ ଓ ମାଲାୟଲମ ଭାଷାରେ ୪୮ହଜାରରୁ ଅଧିକ ଗୀତ ଗାଇଛନ୍ତି । ସେ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଇଲିଆ ରାଜା, ଏମ୍.ଏସ୍.

ବିଶ୍ୱନାଥନ, କେ.ଭି. ମହାଦେବନ ଏବଂ ଏ.ଆର୍. ରେହମାନଙ୍କ ସହ କାର୍ଯ୍ୟ କରିଥିଲେ । ୧୯୮୮ମସିହାରେ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ଏସ୍. ଜାନକୀଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ବିଭିନ୍ନ ରାଜ୍ୟର ପ୍ରାୟ ୩୩ଟି ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ଏସ୍. ଜାନକୀଙ୍କୁ ୨୦୧୩ ମସିହାରେ ପଦ୍ମଭୂଷଣ ପୁରସ୍କାର ମିଳିଥିଲା ।

## ଭିଏତନାମ ବୋଟ୍ ଟ୍ରାଜେଡି

ଭିଏତନାମର ଫୁ କ୍ୱକ୍ ଦ୍ୱୀପ ନିକଟରେ ଏକ ଦ୍ରୁତଗାମୀ ଯନ୍ତ୍ରଚାଳିତ ନୌକା ବୁଡ଼ିଯିବା ଫଳରେ ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାରେ ସେଠାକାର ସରକାର ତଦନ୍ତ ଆଦେଶ ଦେଇଛନ୍ତି । ଏହି ଦୁର୍ଘଟଣାର କାରଣ ଏବଂ ଏଥିପାଇ କେଉଁମାନେ ଦାୟୀ ସେ ନେଇ ସବିଶେଷ ଯାଞ୍ଚ କରାଯିବ ବୋଲି ଜଣାପଡିଛି । ଭିଏତ୍‌ନାମ ପ୍ରଧାନମନ୍ତ୍ରୀ ସେଠାକାର ଅଧିକାରୀମାନଙ୍କୁ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ଗତକାଲି ୩୨ ଜଣ ଭାରତୀୟ ପର୍ଯ୍ୟଟକ ଏବଂ ୪ ଜଣ କର୍ମଚାରୀଙ୍କୁ ନେଇ ହନ୍ ମେ ରୁଟ୍‌ରେ ଯାତ୍ରା ଆରମ୍ଭ କରିବାର କିଛିସମୟ ପରେ ନୌକାଟି ପ୍ରବଳ ପବନ ଯୋଗୁଁ ଭାରସାମ୍ୟ ହରାଇ ଓଲଟି ପଡିଥିଲା ।

ଉଦ୍ଧାରକାରୀ ଦଳ ୨୧ଜଣଙ୍କୁ ଉଦ୍ଧାର କରିଥିଲେ । ମୃତକଙ୍କ ମଧ୍ୟରେ ୧୩ଜଣ ପୁରୁଷ ଏବଂ ୨ଜଣ ମହିଳା ଅଛନ୍ତି ।  ମୃତକମାନଙ୍କ ମଧ୍ୟରେ ୧୦ଜଣ ତାମିଲନାଡୁର ହୋଇଥିବାବେଳେ ୩ଜଣ ଆନ୍ଧ୍ରପ୍ରଦେଶ ଏବଂ ୨ଜଣ କେରଳମ୍‌ର ର ବୋଲି ଜଣାପଡିଛି । ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ଜୟଶଙ୍କର-ଭିଏତ୍‌ନାମ

ଭିଏତ୍‌ନାମରେ ନୌକା ଦୁର୍ଘଟଣାରେ ୧୫ଜଣ ଭାରତୀୟପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଶୋକବ୍ୟକ୍ତ କରିଛନ୍ତି । ଏହି ଦୁର୍ଘଟଣାରେ ସେ ମର୍ମାହତ ବୋଲି କହିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମୃତକଙ୍କ ପରିବାର ସହ ଯୋଗାଯୋଗ କରାଯାଇ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ଭେନଜୁଆଲା ଡେଥ୍ ଟୋଲ

ଗତମାସ ୨୪ ତାରିଖରେ ୨ଟି ଶକ୍ତିଶାଳୀ ଭୂକମ୍ପ ପରେ ଭେନେଜୁଆଲାରେ ମୃତ୍ୟୁସଂଖ୍ୟା ୪ହଜାର ୩୩୩କୁ ବୃଦ୍ଧି ପାଇଛି । ସେଠାକାର ରାଷ୍ଟ୍ରପତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଆସନ୍ତା ସପ୍ତାହରୁ ଭୂକମ୍ପ ପୀଡିତମାନଙ୍କୁ ଗୃହବଣ୍ଟନ କରାଯିବ । ଇତିମଧ୍ୟରେ ୩୧୫ଜଣ ମୃତକଙ୍କ ପରିଚୟ ମିଳିନଥିବା ସରକାରୀ ଭାବେ ସୂଚନା ଦିଆଯାଇଛି । ଏହି ଭୂକମ୍ପରେ ୧୬ହଜାର ୭୪୦ଜଣ ଆହତ ହୋଇଥିବାବେଳେ ୬ହଜାର ୪୬୨ଜଣଙ୍କୁ ଉଦ୍ଧାର କରାଯାଇଛି । ଭୁକମ୍ପ ପ୍ରଭାବରେ ୧୭ହଜାରରୁ ଅଧିକ ଲୋକ ବାସହୀନ ହୋଇଥିବା ଜଣାପଡିଛି ।

# ଇରାନ୍-ହର୍ମୁଜ୍

ହର୍ମୁଜ୍ ପ୍ରଣାଳୀରେ ସାଇପ୍ରସର ଏକ ବାଣିଜ୍ୟିକ ଜାହାଜ ଉପରେ ଇରାନ୍‌ର ଆକ୍ରମଣ ପରେ ଆମେରିକା ପୁଣିଥରେ ଇରାନ୍ ଉପରେ ଆକ୍ରମଣ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନୁଯାୟୀ ଆକ୍ରମଣ କରାଯାଇଥିବା ସେଣ୍ଟକମ୍ ସୂଚନା ଦେଇଛି ।

ଇରାନ୍‌ର ପ୍ରମୁଖ ଘାଟୀ ଏବଂ ଦୀପାଞ୍ଚଳ ଗୁଡ଼ିକରେ ଆକ୍ରମଣ କରାଯାଇଥିବା ଜଣାପଡିଛି ।

ଇତିମଧ୍ୟରେ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଇରାନ୍ ହର୍ମୁଜ ପ୍ରଣାଳୀକୁ ବନ୍ଦ ରଖିଛି । ସେଠାକାର ଇସଲାମିକ ରିଭୋଲୁସନାରୀ ଗାର୍ଡ କର୍ପସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ହର୍ମୁଜ ପ୍ରଣାଳୀରେ ବେନିୟମ ଭାବେ ଏକ ବାଣିଜ୍ୟିକ ଜାହାଜ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବାବେଳେ ଆକ୍ରମଣ କରାଯାଇଥିବା କୁହାଯାଇଛି । ତେବେ ଇରାନ୍ ମୁକ୍ତ ଭାବେ ହର୍ମୁଜ୍ ପ୍ରଣାଳୀ ଖୋଲା ରହିଛି ଏବଂ ସେହିବାଟ ଦେଇ ଅତିକ୍ରମ କରୁଥିବା ଜାହାଜଗୁଡ଼ିକ ଉପରେ କୌଣସି ଆକ୍ରମଣ କରାଯିବ ନାହିଁ ଘୋଷଣା କରିବାକୁ ଆମେରିକା ଦାବି କରିଛି ।

ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି କହିଛନ୍ତି ଉଭୟ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ସତ୍ତ୍ୱେ ବୁଝାମଣା ଜାରି ରହିବ ।

## ଊ୍ୱିମ୍ବିଲଡନ

ଊ୍ୱିମ୍ବିଲଡନ ମହିଳା ଏକକ ଫାଇନାଲରେ ଗତକାଲି ଲଣ୍ଡନର ସେଣ୍ଟରକୋଟରେ ଅନୁଷ୍ଠିତ ମ୍ୟାଚ୍‌ରେ ଚେକ୍ ଗଣରାଜ୍ୟର ଖେଳାଳି କାରୋଲିନା ମୁଚୋଭାଙ୍କୁ ୬-୨, ୫-୭, ୬-୩ରେ ପରାସ୍ତ କରି ୨୧

ବର୍ଷୀୟ ଲିଣ୍ଡା ନୋସ୍କୋଭା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି । ଆଜି ରାତିରେ ପୁରୁଷ ଏକକ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ବିଶ୍ୱର ୧ ନମ୍ବର ଖେଳାଳି ଜାନିକ ସିନର ଓ ଜର୍ମାନୀର ଆଲେକଜାଣ୍ଡାର ଜେଭେରେଭଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ । ସେହିଭଳି ଆଜି ସଂଧ୍ୟା ୫ଟା ୩୦ ମିନିଟ୍‌ରେ ମହିଳା ଡବଲ୍ସ ଫାଇନାଲ ଅନୁଷ୍ଠିତ ହେବ ।

# କ୍ରିକେଟ୍-ଟି୨୦

୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ଆନ୍ତର୍ଜାତିକ ପୁରୁଷ କ୍ରିକେଟ୍ ସିରିଜ୍‌ରେ ଇଂଲଣ୍ଡ ୪-୦ରେ ବିଜୟୀ ହୋଇଛି । ଗତକାଲି ଅନୁଷ୍ଠିତ ସିରିଜ୍‌ର ଶେଷ ମ୍ୟାଚ୍‌ରେ ଇଂଲଣ୍ଡ ୫୬ରନ୍‌ରେ ଭାରତକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ବିନିମୟରେ ୨୫୭ ରନ୍ କରିଥିବାବେଳେ ଏହାର ଜବାବରେ ଭାରତ ୮ ଉିକେଟ୍ ବିନିମୟରେ ୨୦୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା ।

## ୱେମେନ୍ସ କ୍ରିକେଟ୍ ଟେଷ୍ଟ

ଲଣ୍ଡନର ଲର୍ଡସ କ୍ରିକେଟ୍ ପଡିଆରେ ଅନୁଷ୍ଠିତ ଏକମାତ୍ର ମହିଳା ଟେଷ୍ଟମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୧ ଓ୍ୱିକେଟ୍ ବିନିମୟରେ ୧୫୪ ରନ୍ ସ୍କୋର କରିଛି । ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଂସ୍‌ରେ ୧୭୦ ରନ୍‌ରେ ସମସ୍ତ ଓ୍ୱିକେଟ୍ ହରାଇଥିଲା । ଭାରତ ପକ୍ଷରୁ କ୍ରାନ୍ତି ଗୌଡ଼ ୫ଟି ଓ୍ୱିକେଟ୍ ନେଇଥିବାବେଳେ ସାୟାଲି ସତଘରେ ଏବଂ ସ୍ନେହ ରାଣା ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ । ତେବେ ଭାରତୀୟ ମହିଳା ୨୬୯ରନ୍‌ରେ ଆଗରେ ରହିଛି । ଗତକାଲି ଭାରତ ପ୍ରଥମ ଇନିଂସ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୨୮୫ରନ୍ ସ୍କୋର କରିଥିଲା ।

## ଫିଫା ଓ୍ୱାର୍ଲ୍ଡକପ

ଫିଫା ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲରେ ଆଜି ସକାରେ ମିଆଁମି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ୨-୧ ଗୋଲ୍‌ରେ ନରୱେକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି । ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡ

ତୃତୀୟଥର ପାଇଁ ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଜଣାପଡିଛି । ପୂର୍ବରୁ ଇଂଲଣ୍ଡ ୧୯୯୦ରେ ପଶ୍ଚିମ ଜର୍ମାନୀ ଏବଂ ୨୦୧୮ରେ କ୍ରୋଏସିଆଠାରୁ ପରାସ୍ତ ହୋଇଥିଲା । ଚଳିତ ବିଶ୍ୱକପ୍‌ରେ ସ୍ପେନ୍ ଏବଂ ଫ୍ରାନ୍ସ ସେମିଫାଇନାଲରେ ପହଞ୍ଚି ସାରିଛନ୍ତି ।

## ଆଇଏମ୍‌ଡି

ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ଦେଶର ଉତ୍ତର ପୂର୍ବାଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଜାମ୍ମୁକାଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ ଓ ଓଡ଼ିଶା ସମେତ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ସମୟ ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ବିଭାଗ ସୂଚନା ଦେଇଛି । ଦେଶରେ ଏଲ୍‌ନିନୋ ପ୍ରଭାବ ଯୋଗୁଁ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ କମ୍ ରହିଥିବା ଜଣାପଡିଛି ।